● ଫସଲରେ ୫୦ଭାଗ ଫୁଲ ଆସିବା ସମୟରେ ଓ ତାର ୧୫-୨୦ଦିନ ପରେ ସ୍ପିନୋସାଡ୍ ୧୫ ଲିଟର ପାଣିରେ ୭ ମି.ଲି. ହିସାବରେ ପ୍ରୟୋଗ କରାଯିବା ଦରକାର ।

## ବିରି ଫସଲର ମୁଖ୍ୟ ରୋଗ ଓ ତାର ପ୍ରତିକାର -

ବିରି ଫସଲରେ ରୋଗ ଲାଗିଲେ ୧୦ରୁ ୨୦% କ୍ଷତି ଘଟିଥାଏ । ଏଠାରେ କେତେକ ପ୍ରମୁଖ ରୋଗ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଛି ।

### ୧. ପତ୍ରଚିତା ଓ ପତ୍ରପୋଡା :



ଏହା ବିରିରେ ବିଶେଷ ଭାବେ ଦେଖାଯାଇଥାଏ । ଗୋଲାକାରରୁ ଅଣ୍ଡାକୃତି ଏବଂ ଅନିୟମିତ କଳା ବାଇଗଣି ରଙ୍ଗର ଚିହ୍ନ ପତ୍ରର ଉଭୟ ପାର୍ଶ୍ୱରେ ଦେଖା ଦେଇଥାଏ ।

**ନିୟନ୍ତ୍ରଣ :**

● ଭିଟାଭାକ୍ସ ପାଓ୍ୱାର (କାର୍ବୋକ୍ସିନ୍ ୩୭.୫%+ଥିରାମ୍ ୩୭.୫%) ରେ ବିହନ ବିଶୋଧନ କରାଯିବା ଆବଶ୍ୟକ ।

● ମାଙ୍କୋଜେବ୍ କିମ୍ବା ସିକ୍ସର (୦.୨%) ପତ୍ର ଉପରେ ସିଞ୍ଚନ କରନ୍ତୁ ।

### ୨. ଶୁଷ୍କଚେର ପଚା ଓ କାଣ୍ଡ ପଚା ରୋଗ :



ଏହି ରୋଗ ବର୍ଷାଦିନିଆ ଫସଲରେ ଅଧିକ ମାତ୍ରାରେ ଦେଖାଦେଇଥାଏ । ଯେତେବେଳେ ମାଟି ଯଥେଷ୍ଟ ଓଦା ଥାଏ ଗଛର ଚେର ଅଗ୍ରଭାଗୁ ପଚିଯାଏ, ମାଟିର ଠିକ୍ ଉପରକୁ ମୂଳ ପାଖରେ ପଚିଯାଏ ଓ ଶେଷରେ ଗଛଟି ସମ୍ପୂର୍ଣ୍ଣ ମରିଯାଏ ।

**ନିୟନ୍ତ୍ରଣ :**

ଏପରି ପରିସ୍ଥିତିରେ ଜମିରେ ଜଳ ନିଷ୍କାସନର ସୁବ୍ୟବସ୍ଥା କରିବା ଆବଶ୍ୟକ । ଗଛର ମୂଳଭାଗକୁ ରିଡୋମିଲ୍ ଏମ୍.ଜେଡ୍ ଔଷଧ (୦.୧୫%)ରେ ଭିଜାଇ ସ୍ପ୍ରେ କରିବା ଆବଶ୍ୟକ ।

### ୩. ସାହେବୀ ରୋଗ :

ଏହା ଏକ ଭୂତାଣୁ ଜିନିତ ରୋଗ । ଏହା ଧଳାମାଛି ଦ୍ୱାରା ସଂକ୍ରମିତ ହୋଇଥାଏ । ପତ୍ରରେ ହଳଦୀ ଓ ସବୁଜ ଛାପା ଛାପା ଦାଗ ଦେଖାଯାଏ । ଏହା ବିରି ଫସଲରେ ଅଧିକ ଦେଖାଦେଇଥାଏ ।

**ନିୟନ୍ତ୍ରଣ :**

● ସାହେବୀ ରୋଗ ନିରୋଧକ କିସମ ବ୍ୟବହାର କରନ୍ତୁ । ପିୟୁ-୩୦, ପିୟୁ-୩୧, ପିୟୁ-୩୨, ପିୟୁ-୧୯, ଡବ୍ଲୁବିଜି-୨୬ ଇତ୍ୟାଦି ।

● ଆକ୍ରନ୍ତ ହୋଇଥିବା ଗଛମାନଙ୍କୁ ଜମିରୁ ଉପାଡି ବାହାର କରିଦିଅନ୍ତୁ ଓ ଦୂର ସ୍ଥାନରେ ପୋଡି ଦିଅନ୍ତୁ ।

● ଭିଟାଭାକ୍ସ ପାଓ୍ୱାର (କାର୍ବୋକ୍ସିନ୍ ୩୭.୫%+ଥିରାମ୍ ୩୭.୫%) ରେ ବିହନ ବିଶୋଧନ କରାଯିବା ଆବଶ୍ୟକ ।

● ୧୦୦ମି.ଲି. ଇମିଡାକ୍ଲୋପ୍ରିଡ କିମ୍ବା ଥାୟୋମିଥୋକ୍ସାମ୍ କୁ ୨୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

### ୪. ପାଉଁଶିଆ ରୋଗ :



ଏହି ରୋଗ ହେଲେ ଧୂସର ଓ ଧଳା ପାଉଁଶ ଦାଗ ପତ୍ରସାରା ପଡିଯାଏ । ପତ୍ର ଓ କାଣ୍ଡ ଉପରେ ପାଉଡର ବିଛି ହୋଇ ପଡିବା ପରି ଦେଖାଯାଏ ।

ଥଣ୍ଡା ଓ ଶୁଖିଲା ପାଗରେ ଏହି ରୋଗ ଅଧିକା ହୁଏ । କମ୍ ବୟସରେ ଗଛରେ ପାଉଁଶିଆ ରୋଗ ଦେଖାଯାଉଥିଲେ ବି ଛୁଇଁ ଧରିବା ସମୟରେ ବିରିରେ ଲାଗିଲେ ଯଥେଷ୍ଟ କ୍ଷତି ହୁଏ ।

**ନିୟନ୍ତ୍ରଣ :**

● ଏହାର ଦମନ ପାଇଁ ସଲଫର୍ ସେଚିତ ଗୁଣ୍ଡ ଏକ ଲିଟର ପାଣିରେ ୪ଗ୍ରାମ୍ ହିସାବରେ ସୁଞ୍ଚନ କରାଯାଏ ।

● ଏକ ଲିଟର ପାଣିରେ ୧.୫ଗ୍ରାମ୍ ହିସାବରେ ଟିଲ୍ଟ କିମ୍ବା ୨.୫ଗ୍ରାମ୍ ମଙ୍କୋଜେବ୍ ପରି କବକ ନାଶକ ମଧ ପତ୍ର ସିଞ୍ଚନ କରି ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରୁଛି ।

**Technical Bulletin - 2018-19**

**ଅଧିକ ବିବରଣୀ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ ସହିତ ଯୋଗାଯୋଗ କରନ୍ତୁ ।**

# ବିରି ଫସଲରେ ସମନ୍ୱିତ ରୋଗ ପୋକ ନିୟନ୍ତ୍ରଣ



ଲେଖିକା
ଶ୍ରୀମତୀ ଇପ୍ସୀତା ମିଶ୍ର
ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)
ସଂପାଦିକା
ଡଃ. ବିନୀତା ଶତ୍ପଥୀ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

ପୁଷ୍ଟିସାରଯୁକ୍ତ ଡାଲି ଫସଲ ଉତ୍ପାଦନରେ ଆମ ଦେଶ ସମଗ୍ର ପୃଥିବୀର ୮୦ ଭାଗ ଉତ୍ପାଦନ କରିଥାଏ । ଆମ ରାଜ୍ୟରେ ମଧ୍ୟ ଶସ୍ୟ ଜାତୀୟ ଫସଲ ପରେ ଡାଲି ଜାତୀୟ ଫସଲର ଗୁରୁତ୍ୱ ସର୍ବାଧିକ । ବିରି ୬.୦୭ ଲକ୍ଷ ହେକ୍ଟର ଜମିରେ ଚାଷ କରାଯାଉଛି । ଡାଲି ଜାତୀୟ ଫସଲର ପ୍ରମୁଖ ସମସ୍ୟା ମଧ୍ୟରୁ ରୋଗପୋକର ସମସ୍ୟା ଏକ ମୁଖ୍ୟ ସମସ୍ୟା ରୂପେ ପରିଚିତ ।

ଆମର ଚାଷୀଭାଇମାନେ ବିଭିନ୍ନ ରାସାୟନିକ ବିଷର ଉପଯୁକ୍ତ ମାତ୍ରାରେ ଓ ଉପଯୁକ୍ତ ସମୟରେ ବ୍ୟବହାର କରୁନଥିବାରୁ ଏହା ଫସଲ ଓ ପରିବେଶର କ୍ଷତି ଘଟଉଅଛି । ଏହି ପରିପେକ୍ଷୀରେ ବିରି ଫସଲର ବୈଜ୍ଞାନିକ ଉପାୟରେ ଚାଷ ପଦ୍ଧତି ଓ ଫସଲରେ ଦେଖାଯାଉଥିବା ମୁଖ୍ୟ ରୋଗପୋକ ଓ ତାର ପରିଚାଳନା ସଂପର୍କରେ ଆଲୋଚନା କରାଯାଇଛି ।

## ବିରି ଫସଲର ପୋକ ଓ ତାର ପରିଚାଳନା:

### ୧. ଲୋମଶ ସଂବାଳୁଆ:



ବିହାରୀ ଓ ଲୋମଶ ସଂବାଳୁଆ ବିରି ଫସଲରେ ମୌସୁମି ଋତୁରେ ଆକ୍ରମଣ କରିଥାଆନ୍ତି । ଏହାର ପ୍ରତିକାର ନିମନ୍ତେ ଖରାଟିଆ ଚାଷ, ହିଡକୁ ସଫା ରଖିବା ଓ ହିଡ କାଟିବା (କଟି କରିବା) ଆଦି ଆବଶ୍ୟକ ।

**ନିୟନ୍ତ୍ରଣ :**



ମିଥାଇଲ୍ ପାରାଥିଅନ୍ ପାଉଡର ଗୁଣ୍ଡ କିମ୍ବା କ୍ଲୋରୋପାଇରିଫସ୍ ଗୁଣ୍ଡ ଜମିର ଚାରିପଟରେ ଏକ ପଟିକରି ପକାଇବା ସହିତ ଫସଲରେ ମଧ୍ୟ ପକାଇବା ଆବଶ୍ୟକ । ଏହା ସହିତ କିଛିଦିନ ଅନ୍ତରରେ ଥାୟୋଡିକାର୍ଭ (ଲାର୍ଭିନ୍) ହେକ୍ଟର ପ୍ରତି ୫୦୦ ଗ୍ରାମ୍ ମିଶାଇ ସିଞ୍ଚନ କରାଯିବା ଆବଶ୍ୟକ ।

### ୨. ଜଉପୋକ, ପତ୍ରଡିଆଁ ପୋକ ଓ ଧଳାମାଛି:

ଏମାନେ ଶୋଷକ ଜାତୀୟ ପୋକ । ଏହି ଶୋଷକ ପୋକମାନେ ବିରିରେ ଅଧିକ ପରିମାଣରେ ଲାଗିଥାଆନ୍ତି । ଜଉପୋକ ଫୁଲ, ଛୁଇଁ ଓ ପତ୍ରରୁ ରସ ଶୋଷି ଖାଇବା ଯୋଗୁଁ ଆକ୍ରାନ୍ତ ଛୁଇଁ ଶୁଖିଯାଏ । ପୋକଠାରୁ ଝରୁଥିବା ମଧୁ ଶିଶିର ପତ୍ର ଉପରେ ପଡିବା ଫଳରେ ସେଥିରେ କଳା ଫିମ୍ପି ମାଡିଯାଏ । ଜଉଆ ପୋକ ଥଣ୍ଡା ସନ୍ତସନ୍ତିଆ ପାଗରେ ଅଧିକ ଲାଗିବାବେଳେ ପତ୍ରଡିଆଁ ପୋକ ବର୍ଷର ସବୁ ସମୟରେ ଲାଗିଥାନ୍ତି । ଧଳାମାଛିମାନେ ରୋଗବାହକ ଭାବରେ ବିରିରେ ସାହେବୀ ରୋଗ ସୃଷ୍ଟି କରିଥାଆନ୍ତି ।





**ନିୟନ୍ତ୍ରଣ :**

ଏହି ଶୋଷକ ପୋକମାନଙ୍କ ନିରାକରଣ ପାଇଁ ଏକର ପ୍ରତି ଥାୟୋମିଥୋକ୍ସାମ୍ ୫୦ ଗ୍ରାମ୍ କିମ୍ବା ଇମିଡାକ୍ଲୋପ୍ରିଡ୍ ଔଷଧ ୫୦ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

### ୩. କାଳିମୁଣ୍ଡି ପୋକ:



ଏହା ବିରି ଫସଲର ପ୍ରଧାନ ଶତ୍ରୁ । ଦିନର ଖରାରେ ଏହି ପୋକମାନେ ମାଟିର ଫାଟ ଭିତରେ ଲୁଚି ରହିଥାଆନ୍ତି ଓ ରାତିରେ ଦଳଦଳ ହୋଇ ଗଛମାନଙ୍କୁ କାଟିକାଟି ଖାଆନ୍ତି ଓ ହିଡ ଡେଇଁ କିଆରୀରୁ କିଆରୀକୁ ବ୍ୟାପିଥାଆନ୍ତି । ସାଧାରଣତଃ ବନ୍ୟା ପରେ ଲଗାଯାଇଥିବା ବିରି ଫସଲକୁ ଏହା ବ୍ୟାପକ ଭାବେ ଆକ୍ରାନ୍ତ କରିଥାଆନ୍ତି ।

**ନିୟନ୍ତ୍ରଣ :**

ଏମାନଙ୍କ ଦଳ ପାଇଁ ମିଥାଇଲ୍ ପାରାଥିଅନ୍ ପାଉଡର କିମ୍ବା କ୍ଲୋରପାଇରିଫସ୍ ଗୁଣ୍ଡକୁ କିଆରୀ ଚାରିପଟରେ ପଟିକରି ପକାଯାଏ । କିଆରୀ ହିଡ ପାଖରୁ ଏକ ସରୁ ନାଳି (ଜମିରେ ମଞ୍ଜି ବୁଣିବା ପାଇଁ ଯେପରି ଟ୍ରେଞ୍ଚ୍ ହୋ'ରେ ଟଣାଯାଏ ) କରି ସେଥିରେ ଉପଯୁକ୍ତ ଗୁଣ୍ଡ ବିଷ ପକାଇଲେ ଏମାନେ କିଆରୀରୁ କିଆରୀକୁ ବ୍ୟାପି ପାରିବେ ନାହିଁ ।

ଏହାର ଦମନ ପାଇଁ ଏକର ପ୍ରତି ୧୦୦ ଗ୍ରାମ୍ ଥାୟୋଡିକାର୍ଭ (ଲାର୍ଭିନ୍) କିମ୍ବା ଡିଡିଭିପି ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ଏକର ପ୍ରତି ସିଞ୍ଚନ କରନ୍ତୁ ।

### ୪. ଫ୍ଲିବିଟିଲ୍ (ପତ୍ରକଣା ପୋକ):



ଏହି ପୋକମାନେ ବିରି ଫସଲ ୨ରୁ ୪ ପତ୍ର ହୋଇଥିବା ଅବସ୍ଥାରେ ପତ୍ରରେ ବହୁ ପରିମାଣରେ କ୍ଷୁଦ୍ରକ୍ଷୁଦ୍ର ଗୋଲାକୃତି କଣା କରିଥାଏ । ଏମାନେ ବଡି ଭୋରରୁ ଓ ସନ୍ଧ୍ୟା ସମୟରେ ଆକ୍ରମଣ କରିଥାଆନ୍ତି ।

**ନିୟନ୍ତ୍ରଣ :**

ସକାଳ କାକର ପଡିଥିବା ସମୟରେ ମିଥାଇଲ୍ ପାରାଥିଅନ୍ କିମ୍ବା ଲିନ୍ଡେନ୍ ହେକ୍ଟର ପ୍ରତି ୨୫ କି.ଗ୍ରା. ଗୁଣ୍ଡ ଔଷଧ ପ୍ରୟୋଗ କଲେ ଏହି ପୋକ ନିୟନ୍ତ୍ରିତ ହୋଇଥାଆନ୍ତି ।

### ୫. ଛୁଇଁବିନ୍ଧା ପୋକ :



ହେଲିକୋଭର୍ପା । ଆର୍ମିଜେରା ନାମକ ଏହି କୀଟର ଶୁକ ପତ୍ର ଖାଇବା ପରେ ଛୁଇଁ କଣା କରି ଭିତରେ ଥିବା ମଞ୍ଜି ଖାଇଦିଏ । ଫଳରେ ଛୁଇଁ ଫମ୍ପା ହୋଇଯାଏ । ବିଳମ୍ବରେ ହୋଇଥିବା ବିରି ଚାଷକୁ ଏହା ଅଧିକ କ୍ଷତି କରିଥାଏ ।

**ନିୟନ୍ତ୍ରଣ :**

- ଖରାଟିଆ ଚାଷକରି ଖୋସା ମଧ୍ୟରେ ସୁପ୍ତ ଅବସ୍ଥାରେ ଥିବା ପୋକମାନଙ୍କୁ ନଷ୍ଟ କରିଦେବା ଆବଶ୍ୟକ ।
- ଏକ ହେକ୍ଟର ପ୍ରତି ୧୫ରୁ ୨୦ଟି ପେରୋମନ୍ ଯନ୍ତା ବସାଇବା ଆବଶ୍ୟକ ।
- ଅନୁମୋଦିତ ହାରରେ ନିମ୍ବ ଦ୍ରବଣ (ଏକ ଲିଟର ପାଣିରେ ୫ମି.ଲି.) ପ୍ରୟୋଗ କରାଯାଏ । ନିମ୍ବତେଲ ପ୍ରୟୋଗ ସମୟରେ ସେଥିରେ ସାମ୍ପୋ କିମ୍ବା ଡିଟରଜେଣ୍ଟ ପାଉଡର ମିଶାଇ ପକାଇଲେ ସୁଫଳ ମିଳେ ।
- ହେଲିକୋଭର୍ପା ଓ ସ୍ପୋଡୋପ୍ଟେରାର ଲାର୍ଭା ବା ଶୁକ ନିୟନ୍ତ୍ରଣ ପାଇଁ ୨୫୦ ଶୁକ ସମତୁଲ ଏଲ୍ଇ (ଏନ୍.ପି.ଭି.) ଭୂତାଣୁ ବ୍ୟବହାର କରିବା ଆବଶ୍ୟକ ।